# NATIONAL NEWS BULLETIN (ODIA)

## 25 February-2025

### Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- କେନ୍ଦ୍ର ସରକାରଙ୍କ ପ୍ରୟାସ ଦ୍ୱାରା ଉତ୍ତରପୂର୍ବ ରାଜ୍ୟଗୁଡ଼ିକ ବିକାଶର ନୂଆ ପର୍ଯ୍ୟାୟରେ ପହଞ୍ଚିବେ, କହିଲେ ପ୍ରଧାନମନ୍ତ୍ରୀ ।
- ଆଡ୍‌ଭେଣ୍ଟେଜ୍ ଆସାମ୍ ଟୁ ପଏଣ୍ଟ ଜିରୋ ପୁଞ୍ଜିନିବେଶ ଓ ଭିତ୍ତିଭୂମି ଶିଖର ସମ୍ମିଳନୀର ପୂର୍ଣ୍ଣାଙ୍ଗ ଅଧିବେଶନକୁ ଆଜି ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ଉତ୍ତରପ୍ରଦେଶର ନଏଡାରେ ସାରସ ଆଜୀବିକା ମେଳାର ପଞ୍ଚମ ସଂସ୍କରଣକୁ ଉଦ୍‌ଘାଟନ କରିବେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ।
- ଐତିହାସିକ ମହାକୁମ୍ଭ ଆସନ୍ତାକାଲି ମହାଶିବରାତ୍ରି ଅବସରରେ ଆନୁଷ୍ଠାନିକ ଭାବେ ଶେଷ ହେବ ।

ଏବଂ

- ଆଇସିସି ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍‌ରେ ବାଂଲାଦେଶକୁ ୫ ୱିକେଟ୍‌ରେ ପରାସ୍ତ କଲା ନ୍ୟୁଜିଲାଣ୍ଡ ।

– ଆଜି ଦକ୍ଷିଣ ଆଫ୍ରିକା ଓ ଅଷ୍ଟ୍ରେଲିଆ ମଧ୍ୟରେ ମୁକାବିଲା ।

# ପିଏମ୍‌-ଆସାମ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ତାଙ୍କ ସରକାରଙ୍କ ପ୍ରୟାସ ଦ୍ୱାରା ଉତ୍ତରପୂର୍ବ ରାଜ୍ୟଗୁଡ଼ିକ ବିକାଶର ନୂଆ ପର୍ଯ୍ୟାୟରେ ପହଞ୍ଚିବେ । ଗତ ସନ୍ଧ୍ୟାରେ ଆସାମର ଗୁଆହାଟୀରେ ଝୁମୋଇର ବିନନ୍ଦିନୀ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ମୋଦୀ କହିଛନ୍ତି, ସମୟ ଥିଲା ଯେତେବେଳେ ଆସାମ ଏବଂ ଉତ୍ତର ପୂର୍ବାଞ୍ଚଳର ବିକାଶକୁ ଅବହେଳା କରାଯାଇଥିଲା । ସେ କହିଛନ୍ତି, ବର୍ତ୍ତମାନ ସେ ନିଜେ ଉତ୍ତର ପୂର୍ବାଞ୍ଚଳ ସଂସ୍କୃତିର ବ୍ରାଣ୍ଡ ଆମ୍ବାସଡର ହୋଇଛନ୍ତି ।

**V/O (PM Guwahati)**

ପ୍ରଧାନମନ୍ତ୍ରୀ କହିଛନ୍ତି, ବିଜେପି ସରକାର ଆସାମର ସର୍ବାଙ୍ଗୀନ ବିକାଶ ଲାଗି ପ୍ରତିଶ୍ରୁତିବଦ୍ଧ । ଚା' ଶିଳ୍ପ ଏବଂ ଏହାର ଶ୍ରମିକମାନଙ୍କର ବିକାଶ, ଆସାମର ସାମଗ୍ରୀକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ । ଶ୍ରୀ ମୋଦୀ କହିଛନ୍ତି, ଆସାମ ସରକାର ଚା' ବଗିଚା ଶ୍ରମିକଙ୍କ ଉନ୍ନତ ସ୍ୱାସ୍ଥ୍ୟ ପାଇଁ ୩୫୦ଟିରୁ ଅଧିକ ଆୟୁଷ୍ମାନ୍ ମନ୍ଦିର ଖୋଲିଛନ୍ତି ।

**V/O (PM Guwahati-1)**

## ପ୍ରେସିଡେଣ୍ଟ ଥ୍ରୀ ଡେ ଭିଜିଟ୍

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜିଠାରୁ ମାର୍ଚ୍ଚ ୧ ତାରିଖ ପର୍ଯ୍ୟନ୍ତ ବିହାର, ମଧ୍ୟପ୍ରଦେଶ ଓ ଗୁଜରାଟ ଗସ୍ତରେ ଯିବେ । ରାଷ୍ଟ୍ରପତି ବିହାରର ପାଟନା ମେଡିକାଲ୍ କଲେଜ୍‌ର ଶତବାର୍ଷିକୀ ସମାରୋହ, ମଧ୍ୟପ୍ରଦେଶର ଏକ ସାମୂହିକ ବିବାହ ସମାରୋହରେ ଯୋଗଦେବା ସହ ଗୁଜରାଟର ଷ୍ଟାଚ୍ୟୁ ଅଫ୍ ୟୁନିଟି ପରିଦର୍ଶନ କରିବେ । ଏହି ଗସ୍ତ କାଳରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ୨୭ ତାରିଖ ଦିନ କେବାଡିଆ ଠାରେ ଏକତା ଦକ୍ଷତା ବିକାଶ କେନ୍ଦ୍ର ପରିଦର୍ଶନ କରିବା ସହ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡିଜାଇନ୍‌ର ୪୪ତମ ସମାବର୍ତ୍ତନ ଉତ୍ସବ ଏବଂ ନ୍ୟାସନାଲ୍ ଫରେନ୍‌ସିକ୍ ସାଇନ୍ସ ୟୁନିଭରସିଟିର ତୃତୀୟ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ । ସେହିଦିନ ଭୁଜ୍‌ରେ ଥିବା ସ୍ମୃତିବନ ଭୂକମ୍ପ ସ୍ମାରକୀ ପରିଦର୍ଶନ କରିବା ସହ ମାର୍ଚ୍ଚ ୧ରେ ୟୁନେସ୍କୋର ବିଶ୍ୱ ଐତିହ୍ୟ ସ୍ଥଳ ଧଲାବିରା ପରିଦର୍ଶନ କରିବେ ।

## ପ୍ରେସ୍-ଅଫିସର୍ସ୍ ମିଟ୍

୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବା କ୍ଷେତ୍ରରେ ଭାରତୀୟ ଅଡିଟ୍ ଆଣ୍ଡ ଆକାଉଣ୍ଟସ୍ ଓ ରେଳ ସେବାର

ଅଧିକାରୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି । ଗତକାଲି ରାଷ୍ଟ୍ରପତି ଭବନରେ ଭାରତୀୟ ଅଡିଟ୍ ଓ ଆକାଉଣ୍ଟସ୍ ସେବା, ରେଳ ସୁରକ୍ଷାବଳ ସେବା ଏବଂ ରେଳ ଟ୍ରାଫିକ୍ ପରିଚାଳନା ସେବାର ପ୍ରଶିକ୍ଷାର୍ଥୀମାନଙ୍କୁ ସମ୍ବୋଧିତ କରି ରାଷ୍ଟ୍ରପତି ଏହା କହିଛନ୍ତି ।

ଏହି ଅବସରରେ ରାଷ୍ଟ୍ରପତି ସେମାନଙ୍କୁ ଭାରତୀୟ ସମ୍ବିଧାନର ବିଧିବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ରାଷ୍ଟ୍ରପତି କହିଥିଲେ, ସମାଧାନର ନୂତନ ଉପାୟ ସହ ବିଭିନ୍ନ ଅଂଶିଦାରୀମାନଙ୍କୁ ସହାୟତା କରିବା ଲାଗି ସମ୍ପୃକ୍ତ ଅଧିକାରୀମାନେ ଆଗେଇ ଆସିବା ଉଚିତ୍ । ସେ କହିଥିଲେ, ରେଳସେବା କୋଟି କୋଟି ଭାରତୀୟଙ୍କ ଦୈନନ୍ଦିନ ଜୀବନରେ ଉନ୍ନତି ଆଣିବାରେ ସହାୟକ ହେଉଛି ।

## ପିଏମ୍-ଆସାମ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସକାଳେ ଗୌହାଟୀରେ ଆଡ୍‌ଭେଣ୍ଟେଜ୍ ଆସାମ୍ ଟୁ ପଏଣ୍ଟ ଜିରୋ ପୁଞ୍ଜିନିବେଶ ଏବଂ ଭିତ୍ତିଭୂମି ଶିଖର ସମ୍ମିଳନୀର ପୂର୍ଣ୍ଣାଙ୍ଗ ଅଧିବେଶନକୁ ଉଦ୍‌ଘାଟନ କରିବେ । ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ଶିଖର ସମ୍ମିଳନୀରେ ଉଦ୍‌ଘାଟନୀ

ଅଧିବେଶନ ସମେତ ଅନ୍ୟ ୧୪ଟି ଅଧିବେଶନ ରହିଛି । ଏଥିରେ ଶିଳ୍ପ ବିକାଶ, ବାଣିଜ୍ୟ ଭାଗିଦାରୀ ଏବଂ ଆସାମର ଏମ୍.ଏସ୍.ଏମ୍.ଇ. କ୍ଷେତ୍ର ଉପରେ ଗୁରୁତ୍ୱ ଦିଆଯିବ । ଏଥିରେ ୨୪୦ରୁ ଅଧିକ ପ୍ରଦର୍ଶନକାରୀ ଭାଗ ନେବେ ।

ସକାଳ ୧୦ଟାରେ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବେ । ଏଥିରେ ଆସାମ ରାଜ୍ୟପାଳ ଏଲ୍.ପି. ଆଚାର୍ଯ୍ୟ, ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର, ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, କେନ୍ଦ୍ର ବନ୍ଦର ଓ ଜାହାଜ ଚଳାଚଳ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲଙ୍କ ସମେତ ୬୧ଜଣ କୂଟନୀତିଜ୍ଞ ଓ ବିଭିନ୍ନ ଦେଶର ବ୍ୟବସାୟିକ ପ୍ରତିନିଧି ଦଳ ଯୋଗଦେବେ ।

## ଶିବରାଜ-ସାରସ

କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଆଜି ଉତ୍ତର ପ୍ରଦେଶର ନଏଡ଼ା ହାଟରେ ସାରସ ଆଜୀବିକା ମେଳାର ପଞ୍ଚମ ସଂସ୍କରଣକୁ ଉଦ୍‌ଘାଟନ କରିବେ । ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ଏବଂ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ଜାତୀୟ ପ୍ରତିଷ୍ଠାନ ଦ୍ୱାରା ମିଳିତ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ହେଉଛି – ସ୍ଥାନୀୟ କଳାକାର

ଏବଂ କାରିଗରଙ୍କ ଜୀବିକାକୁ ପ୍ରୋତ୍ସାହିତ କରିବା । ଚଳିତ ବର୍ଷ ଏହାର ବିଷୟବସ୍ତୁ ରହିଛି 'ପରମ୍ପରା କଳା ଓ ସଂସ୍କୃତି' । ଯେଉଁଥିରେ ଲକ୍ଷ୍ୟପତି ସ୍ୱୟଂ ସହାୟିକା ଗୋଷ୍ଠୀ ଦିଦିଙ୍କ ରପ୍ତାନୀ ସାମର୍ଥ୍ୟ ଉପରେ ଗୁରୁତ୍ୱ ଦିଆଯାଉଛି । ଗ୍ରାମ୍ୟ ଉନ୍ନୟନ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଚନ୍ଦ୍ରଶେଖର ପେମା ସାନି ଏବଂ କମଳେଶ ପାଶୱାନ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ ।

ଏହି ମେଳାରେ ହସ୍ତଶିଳ୍ପ, ହସ୍ତତନ୍ତ ଏବଂ ପ୍ରାକୃତିକ ଖାଦ୍ୟ ସାମଗ୍ରୀ ସମେତ ୩୦ଟି ରାଜ୍ୟର ସ୍ୱୟଂ ସହାୟକ ଗୋଷ୍ଠୀର ୨୦୦ଟି ଷ୍ଟଲ୍ ବିଭିନ୍ନ ଉତ୍ପାଦ ପ୍ରଦର୍ଶନ କରିବ । ପର୍ଯ୍ୟଟକମାନେ ୨୦ଟି ରାଜ୍ୟର ୨୫ଟି ଖାଦ୍ୟ ଷ୍ଟଲ୍‌ରୁ ବିଭିନ୍ନ ପ୍ରକାର ପାରମ୍ପରିକ ଖାଦ୍ୟର ମଜା ନେଇପାରିବେ । ମେଳାରେ ସହଜରେ ବୁଲିବା ପାଇଁ ବରିଷ୍ଠ ନାଗରିକ, ଛୋଟ ପିଲା ଏବଂ ମା'ମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ।

## ମହାକୁମ୍ଭ-ମହାଶିବରାତ୍ରି

ପ୍ରୟାଗରାଜର ଐତିହାସିକ ମହାକୁମ୍ଭ ଆସନ୍ତାକାଲି ମହାଶିବରାତ୍ରି ଅବସରରେ ଆନୁଷ୍ଠାନିକ ଭାବେ ଶେଷ ହେବ । ଏହାକୁ ଦିବ୍ୟ ଓ ଆକର୍ଷଣୀୟ କରିବା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି ।

ପ୍ରୟାଗରାଜ ଜିଲ୍ଲା ମାଜିଷ୍ଟ୍ରେଟ୍ ରବୀନ୍ଦ୍ର କୁମାର ମାଦଣ୍ଡ କହିଛନ୍ତି, ମହାକୁମ୍ଭକୁ ସ୍ମରଣୀୟ କରିବା ପାଇଁ ସମସ୍ତ ପ୍ରସ୍ତୁତି ଚୂଡ଼ାନ୍ତ ହୋଇଛି । ଶ୍ରଦ୍ଧାଳୁଙ୍କ ସହଜ ଯାତ୍ରା ଓ ଅନୁଭୂତିକୁ ଅବିସ୍ମରଣୀୟ କରିବା ଲାଗି ପ୍ରଶାସନ ଲକ୍ଷ୍ୟ ରଖିଛି । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଦେଇଥିବା ନିର୍ଦ୍ଦେଶ ଅନୁଯାୟୀ ସମସ୍ତ କାର୍ଯ୍ୟ କରାଯାଇଥିବା ଜିଲ୍ଲା ମାଜିଷ୍ଟ୍ରେଟ୍ କହିଛନ୍ତି । ଶ୍ରଦ୍ଧାଳୁଙ୍କ ସୁରକ୍ଷା ଓ ସୁବିଧାକୁ ପ୍ରାଥମିକତା ଦିଆଯାଉଛି ଏବଂ ସ୍ନାନ ଘାଟ ଓ ମନ୍ଦିର ପରିସରରେ ନିୟମିତ ଭାବେ ସ୍ୱଚ୍ଛତା ଉପରେ ନଜର ରଖାଯାଉଛି । ମହାଶିବରାତ୍ରି ଦୃଷ୍ଟିରୁ ଆସନ୍ତାକାଲି ଲେଟେ ହୁ ହନୁମାନ ମନ୍ଦିର, ଅକ୍ଷୟବଟ ଏବଂ ସରସ୍ୱତୀ କୂପ ସମେତ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା କରାଯାଇଛି ।

## ଆର୍‌ବିଆଇ-ନ୍ୟୁ ଇଣ୍ଡିଆ

ନ୍ୟୁ ଇଣ୍ଡିଆ କୋ-ଅପରେଟିଭ୍ ବ୍ୟାଙ୍କ୍ ଉପରେ ଜାରି କରାଯାଇଥିବା ପ୍ରତିବନ୍ଧକକୁ ରିଜର୍ଭ ବ୍ୟାଙ୍କ୍ କିଛି ମାତ୍ରାରେ କୋହଳ କରିଛନ୍ତି । ଏଣିକି ଜମାକାରୀମାନେ ଆସନ୍ତା ୨୭ ତାରିଖ ଠାରୁ ୨୫ ହଜାର ଟଙ୍କା ଲେଖାଏଁ ଅର୍ଥ ଉଠାଇ ପାରିବେ । ଏକ ପ୍ରେସ୍ ବିଜ୍ଞପ୍ତିରେ ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ କୁହାଯାଇଛି, ଏହି ସୁବିଧା ଦ୍ୱାରା ମୋଟ୍ ଜମାକାରୀଙ୍କ ମଧ୍ୟରୁ ୫୦ ପ୍ରତିଶତରୁ ଅଧିକ ସେମାନଙ୍କ ସମ୍ପୂର୍ଣ୍ଣ ଅର୍ଥ ଉଠାଇପାରିବେ ଏବଂ ଅନ୍ୟ ଜମାକାରୀମାନେ ସେମାନଙ୍କ ଆକାଉଣ୍ଟରୁ ୨୫ ହଜାର ଟଙ୍କା ପର୍ଯ୍ୟନ୍ତ

ଉଠାଣ କରିପାରିବେ । ଏଥିପାଇଁ ଜମାକାରୀମାନେ ବ୍ୟାଙ୍କ ଶାଖା କିମ୍ବା ଏ.ଟି.ଏମ୍.ର ସହାୟତା ନେଇପାରିବେ ।

ଇତିମଧ୍ୟରେ ରିଜର୍ଭ ବ୍ୟାଙ୍କ୍ ପକ୍ଷରୁ ପରାମର୍ଶଦାତା କମିଟିର ପୁନର୍ଗଠନ କରାଯାଇଛି । ଏଥିରେ ଭାରତୀୟ ଷ୍ଟେଟ୍‌ବ୍ୟାଙ୍କ୍‌ର ପୂର୍ବତନ ମହାପ୍ରବନ୍ଧକ ରବୀନ୍ଦ୍ର ସାପ୍ରା, ପୂର୍ବତନ ଉପମୁଖ୍ୟ ମହାପ୍ରବନ୍ଧକ ରବୀନ୍ଦ୍ର ତୁକାରାମ ଚୌହାନ ଓ ଚାଟାର୍ଡ ଆକାଉଣ୍ଟାଣ୍ଟ ଆନନ୍ଦ ଏମ୍. ଗୋଲାସ ସଦସ୍ୟ ରହିଛନ୍ତି । ରିଜର୍ଭ ବ୍ୟାଙ୍କ୍ ନ୍ୟୁ କୋ-ଅପରେଟିଭ୍ ବ୍ୟାଙ୍କ୍‌ର ସମସ୍ତ କାର୍ଯ୍ୟକଳାପ ଉପରେ ନଜର ରଖିଥିବା କୁହାଯାଇଛି ।

ସୂଚନା ଯୋଗ୍ୟ ଚଳିତ ମାସ ୧୩ ତାରିଖରେ ରିଜର୍ଭ ବ୍ୟାଙ୍କ ମୁମ୍ବାଇର ନ୍ୟୁ କୋ-ଅପରେଟିଭ୍ ବ୍ୟାଙ୍କ୍ ଲିମିଟେଡ୍ ଉପରେ କେତେକ ପ୍ରତିଷେଧକ ମୂଳକ ପଦକ୍ଷେପ ଗ୍ରହଣ କରିଥିଲା ।

## ଇସ୍ରାଏଲ୍ ସିଜ୍ ଫାୟାର୍ ଏକ୍ସଟେନ୍‌ସନ୍

ଇସ୍ରାଏଲ୍‌ର ବୈଦେଶିକ ମନ୍ତ୍ରୀ ଗିଡନ୍ ସାର୍ କହିଛନ୍ତି, ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ନେତୃତ୍ୱାଧୀନ ସରକାର ଅଧିକ ମୁକ୍ତ ବନ୍ଧକଙ୍କ ବଦଳରେ ହମାସ ସହିତ ଅସ୍ତ୍ରବିରତି ଚୁକ୍ତିକୁ ବୃଦ୍ଧି କରିବାକୁ ଇଚ୍ଛୁକ । ବ୍ରସେଲ୍ସ ଗସ୍ତ ସମୟରେ ୟୁରୋପୀୟ ସଂଘଙ୍କ ସହ ବୈଠକ କରିବା ବେଳେ ସେ କହିଛନ୍ତି, ଇସ୍ରାଏଲ୍ ଅତିରିକ୍ତ ବନ୍ଧକଙ୍କୁ ମୁକ୍ତ କରିବା

ବଦଳରେ ଅସ୍ଥାୟୀ ଅସ୍ତ୍ରବିରତି ବୃଦ୍ଧିକୁ ଅସ୍ୱୀକାର କରୁନାହିଁ । ବୈଠକରେ ରୋମାନିଆ, ହଙ୍ଗେରୀ, ଫିନ୍‌ଲାଣ୍ଡ, ବୁଲ୍‌ଗେରିଆ ଏବଂ ସ୍ଲୋବାକିଆର ବୈଦେଶିକ ମନ୍ତ୍ରୀମାନଙ୍କ ସହ ବୈଠକରେ ସେ ଇରାନ୍ ପକ୍ଷରୁ ଦେଖାଦେଇଥିବା ବିପଦ ସମ୍ପର୍କରେ ଆଲୋଚନା କରିଥିଲେ ଏବଂ ସେହି ଅଞ୍ଚଳରେ ପ୍ରତିବନ୍ଧକ ଜାରି କରିବାର ସମୟ ଆସିଛି ବୋଲି କହିଥିଲେ ।

## କ୍ରିକେଟ୍-ଆଇସିସି ଚାମ୍ପିୟନ୍ସ ଟ୍ରଫି

ଆଇସିସି ଚାମ୍ପିୟନ୍ସ ଟ୍ରଫି କ୍ରିକେଟ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୫ ୱିକେଟ୍‌ରେ ବାଂଲାଦେଶକୁ ପରାସ୍ତ କରିଛି । ଗତକାଲି ପାକିସ୍ତାନର ରାଓଲପିଣ୍ଡିରେ ଅନୁଷ୍ଠିତ ଗ୍ରୁପ୍-ଏର ଏହି ମ୍ୟାଚ୍‌ରେ ଜିତିବା ପରେ ନ୍ୟୁଜିଲାଣ୍ଡ ଦଳ ସେମିଫାଇନାଲ୍‌ରେ ଖେଳିବା ନିଶ୍ଚିତ ହୋଇଛି । ଗ୍ରୁପ୍-ଏରେ ଭାରତ ମଧ୍ୟ ସେମିଫାଇନାଲ୍ ଖେଳିବ । ଉଭୟ ଭାରତ ଓ ନ୍ୟୁଜିଲାଣ୍ଡ ଗ୍ରୁପ୍-ଏରେ ୪ ପଏଣ୍ଟ ଲେଖାଏଁ ପାଇ ତାଲିକାର ଶୀର୍ଷରେ ଅଛନ୍ତି । ଅନ୍ୟ ପକ୍ଷରେ ବାଂଲାଦେଶ ଏବଂ ଆୟୋଜକ ପାକିସ୍ତାନ ପ୍ରତିଯୋଗିତାରୁ ବାଦ୍ ପଡ଼ିଛନ୍ତି ।

ପ୍ରଥମେ ବ୍ୟାଟିଂ କରି ବାଂଲାଦେଶ ୫୦ ଓଭରରେ ୯ ୱିକେଟ୍ ବିନିମୟରେ ୨୩୬ରନ୍ କରିଥିବା ବେଳେ ନ୍ୟୁଜିଲାଣ୍ଡ ୪୬ ଓଭର

ଗୋଟିଏ ବଲ୍‌ରେ ୫ ଓ୍ୱିକେଟ୍ ବିନିମୟରେ ବିଜୟଲକ୍ଷ୍ୟ ହାସଲ କରିଥିଲା ।

ଆଜି ରାଓଲପିଣ୍ଡିରେ ଗ୍ରୁପ୍-ବି ର ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ମୁକାବିଲା ହେବ । ଅପରାହ୍ଣ ୨ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଆରମ୍ଭ ହେବ ।